**ସିବିଏସ୍‌ଇ ପରୀକ୍ଷାରେ ଛାତ୍ରଙ୍କ ସଫଳତା**

ରଗଡ଼ି,୧୭।୫(ଯତୀଶ କୁମାର ମଲ୍ଲିକ): ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ଯାଜପୁର ଜିଲା ଦଶରଥପୁର ବ୍ଲକ୍ ଡାହାଣ ହତା ଗ୍ରାମର ଶିକ୍ଷକ ଧନେଶ୍ୱର କାଣ୍ଡିଙ୍କ ପୁଅ ସତ୍ୟବ୍ରତ କାଣ୍ଡି ଶତକଡା ୯୮.୨ ନମ୍ବର ରଖି ସଫଳତା ହାସଲ କରିଛନ୍ତି। କଳାହାଣ୍ଡି ଜିଲାରେ ପଢୁଥିବା ସତ୍ୟବ୍ରତଙ୍କ ଏହି କୃତିତ୍ୱରେ ତାଙ୍କ ପାରିବାରରେ ଖୁସିର ଲହରି ଖେଳିଯାଇଛି।

**ଯାଜପୁର ଲୋକସଭା, ବିଧାନସଭା ନିର୍ବାଚନମଣ୍ଡଳୀ**

# ନିର୍ବାଚନ ମଇଦାନରେ ୭୪ ପ୍ରାର୍ଥୀ

## ୪ ନାମାଙ୍କନପତ୍ର ପ୍ରତ୍ୟାହାର

ଯାଜପୁର ଟାଉନ,୧୭।୫
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲାରେ ଶୁକ୍ରବାର ଶେଷ ଦିବସରେ ୪ ବିଧାୟକ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରି ନେଇଛନ୍ତି। ଅବଶିଷ୍ଟ ୭୪ ପ୍ରାର୍ଥୀ ବିଧାୟକ ଓ ସାଂସଦ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତିର୍ଣ୍ଣ ହୋଇଛନ୍ତି। ବିଞ୍ଝାରପୁର(ସଂରକ୍ଷିତ) ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ସୁଧୀର ମଲ୍ଲିକ, ଧର୍ମଶାଳାର ସ୍ୱାଧୀନ ପ୍ରାର୍ଥିନୀ ମିନତି ସାହୁ ଏବଂ ସିଗ୍‌ମା ଶୁଭଲକ୍ଷ୍ମୀ ଏବଂ କୋରେଇ ସ୍ୱାଧୀନ ପ୍ରାର୍ଥୀ ବନମାଳୀ ରଥ ନାମାଙ୍କନପତ୍ର ପ୍ରତ୍ୟାହାର କରିନେଇଛନ୍ତି।

ସେହିପରି ଯାଜପୁର ଲୋକସଭା ଆସନ ନିମନ୍ତେ ନାମାଙ୍କନପତ୍ର ପ୍ରତ୍ୟାହାର ପରେ ୧୩ ପ୍ରାର୍ଥୀ ନିର୍ବାଚନ ଲଢ଼ିବାକୁ ମନୋନୀତ ହୋଇଛନ୍ତି। ଲୋକସଭା ପାଇଁ କଂଗ୍ରେସରୁ ଅଞ୍ଚଳ ଦାସ, ଭାଜପାର ରବୀନ୍ଦ୍ର ନାରାୟଣ ବେହେରା, ବିଜେଡିର ଶର୍ମିଷ୍ଠା ସେଠୀ, ବହୁଜନ ସମାଜ ପାର୍ଟିର ଇଂ.ସନ୍ଧ୍ୟାରାଣୀ ମଲ୍ଲିକ, ମାନସ ଲୋକଶକ୍ତି ଦଳର ଝୁନା ମଳିକ, ଆମ୍ବେଦକରାଇଟ୍ ପାର୍ଟି ଅଫ ଇଣ୍ଡିଆର ବିଦ୍ୟାଧର ଦଳେଇ, ଗଣ ସୁରକ୍ଷା ପାର୍ଟିର ବିନୋଦ ଯେନା, ଜନତା ଦରବାର ପାର୍ଟିର ମଣ୍ଟୁ ସେଠୀ, ଏସ୍‌ୟୁସିଆଇ କମ୍ୟୁନିଷ୍ଟର ସୁବାସ ଚନ୍ଦ୍ର ମଲ୍ଲିକ ଓ ସ୍ୱାଧୀନ ପ୍ରାର୍ଥୀ ଆର୍ତ୍ତତ୍ରାଣ ମଳିକ, ନରେନ୍ଦ୍ର ମଳିକ, ଭୈରବ ପ୍ରସାଦ ବେହେରା ଓ ସୁମନ୍ତ ମଳିକ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି।

ସେହିପରି ୭ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୬୧ଜଣ ବିଧାୟକ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ସେମାନଙ୍କ ମଧ୍ୟରୁ ବିଞ୍ଝାରପୁର ଆସନ ନିମନ୍ତେ କଂଗ୍ରେସର କନକଲତା ମଲ୍ଲିକ, ବିଜେଡିର ପ୍ରମିଳା ମଲ୍ଲିକ, ଭାଜପାର ବବିତା ମଲ୍ଲିକ, ଏସ୍‌ୟୁସିଆଇ (କମ୍ୟୁନିଷ୍ଟ ରାଧାବଲ୍ଲଭ ମଳିକ, ବରୀ ଆସନ ନିମନ୍ତେ ବହୁଜନ ସମାଜ ପାର୍ଟିର ଅଶୋକ ବେହେରା, ଭାଜପାର ଉମେଶ ଚନ୍ଦ୍ର ଜେନା, କଂଗ୍ରେସର ଦେବାଶିଷ ନାୟକ, ବିଜେଡିର ବିଶ୍ୱରଞ୍ଜନ ମଲ୍ଲିକ, ଜନତା ଦରବାର ପାର୍ଟିର ଅଜୟ ଧଳ, ଆମ୍ବେଡକରାଇଟ୍ ପାର୍ଟି ଅଫ୍ ଇଣ୍ଡିଆର ବେନାଜିର ଖାତୁନ, ସ୍ୱାଧୀନରୁ କବିର ଦାସ, ନିମାଇଁ ଚରଣ ରାୟ ସ୍ୱାଧୀନ ଭାବେ ନିର୍ବାଚନ ଲଢୁଛନ୍ତି।

ବଡ଼ଚଣା ଆସନ ନିମନ୍ତେ କଂଗ୍ରେସର ଅଜୟ ସାମଲ, ଭାଜପାର ଅମର ନାୟକ, ବିଜେଡିର ବର୍ଷା ପ୍ରିୟଦର୍ଶିନୀ, ଆମ୍ ଆଦ୍‌ମୀ ପାର୍ଟିର ବିଜୟ ଦାସ, ବହୁଜନ ସମାଜ ପାର୍ଟିର ଲକ୍ଷ୍ମୀ ମଲ୍ଲିକ, ନ୍ୟାଶନାଲ ଆପନୀ ପାର୍ଟିର ଦେବେନ୍ଦ୍ର ସାମଲ, ଅଜୟ ଅନୁରାଗ ମହାନ୍ତି, ତରଣି ମଲ୍ଲିକ, ମନୋରଂଜନ ଜେନା ସ୍ୱାଧୀନ ଭାବେ ନିର୍ବାଚନ ଲଢୁଛନ୍ତି। ଧର୍ମଶାଳା ଆସନ ନିମନ୍ତେ ବହୁଜନ ସମାଜ ପାର୍ଟିର କାର୍ତ୍ତିକ ଚନ୍ଦ୍ର ମଳିକ, କଂଗ୍ରେସର କିଷାନ ପଣ୍ଡା, ବିଜେଡିର ପ୍ରଣବ ବଳବନ୍ତରାୟ, ଭାଜପାର ସ୍ମୃତିରେଖା ପହି, ଏସ୍‌ୟୁସିଆଇ କମ୍ୟୁନିଷ୍ଟର କେଦାର ନାଥ ସାହୁ, ମାନସ ଲୋକଶକ୍ତି ଦଳର ରଂଜନ ମଳିକ, ପୁରୁଷୋତ୍ତମ ବେହେରା, ସତିଶ ବିଶ୍ୱାଳ, ହିମାଂଶୁ ଶେଖର ସାହୁ, ହିମାଂଶୁ ଶେଖର ସାହୁ ଓ ଲାଲୁ ପ୍ରସାଦ କଦମ ସ୍ୱାଧୀନ ପ୍ରାର୍ଥୀଭାବେ ନିର୍ବାଚନ ଲଢୁଛନ୍ତି।

ଯାଜପୁର ବିଧାନସଭା ଆସନ ନିମନ୍ତେ ଭାଜପାର ଗୌତମ ରାୟ, ବହୁଜନ ସମାଜ ପାର୍ଟିର ରଘୁନାଥ ସେଠୀ, ବିଜେଡିର ସୁଜାତା ସାହୁ, କଂଗ୍ରେସର ସୁଦୀପ କର, ସମୃଦ୍ଧ ଓଡ଼ିଶାର ବିଶ୍ୱନାଥ ଦାସ ଓ ଦେବ ପ୍ରକାଶ ମହାନ୍ତି ସ୍ୱାଧୀନ ପ୍ରାର୍ଥୀଭାବେ ନିର୍ବାଚନ ଲଢୁଛନ୍ତି।

କୋରେଇ ଆସନ ନିମନ୍ତେ ବହୁଜନ ସମାଜପାର୍ଟିର ଅଟଳ ଜେନା, ଭାଜପାର ଆକାଶ ଦାସନାୟକ, ଏଏପିର ତ୍ରିନୟନ ରଥ, କଂଗ୍ରେସର ବନ୍ଦିତା ପରିଡ଼ା, ବିଜେଡିର ସନ୍ଧ୍ୟାରାଣୀ ଦାସ, ଆମ୍ବେଡକରାଇଟ ପାର୍ଟି ଅଫ୍ ଇଣ୍ଡିଆର ଗୋପାଳ କୃଷ୍ଣ ମହାନ୍ତି, ପ୍ରଜା ଏକତା ପାର୍ଟିର ସରୋଜ କର ପ୍ରାର୍ଥ ହୋଇଥିବାବେଳେ ବିନୋଦ ବିହାରୀ ଜେନା, ମନୋଜ ପଣ୍ଡା, ରାମଚନ୍ଦ୍ର ବାରିକ, ସହଦେବ ଜେନା ସ୍ୱାଧୀନ ପ୍ରାର୍ଥୀଭାବେ ନିର୍ବାଚନ ଲଢୁଛନ୍ତି। ସୁକିନ୍ଦା ବିଧାନସଭା ଆସନ ନିମନ୍ତେ ଭାଜପାର ପ୍ରଦୀପ ବଳ ସାମନ୍ତ, ବିଜେଡିର ପ୍ରୀତିରଞ୍ଜନ ଘଡ଼ାଇ, କଂଗ୍ରେସର ବିଭୂ ଭୂଷଣ ରାଉତ, ବହୁଜନ ସମାଜ ପାର୍ଟିର ସିଲି ମଲ୍ଲିକ, ଆଜସୁର ଦୟାଲରତନ ମହାନ୍ତ, ଭାରତୀୟ ବିକାଶ ପରିଷଦର ଦୀପକ ନାୟକ, ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ କମ୍ୟୁନିଷ୍ଟର ଲିଲି ମହାନ୍ତ ପ୍ରାର୍ଥୀ ହୋଇଥିବାବେଳେ କୁଳମଣି ପାତ୍ର, ଗୁଣମଣି ଶା, ରଣଜିତ କୁମାର ଜାମୁଦା, ରାଖାଲ ପରିଡା, ସନ୍ଦୀପ ଚକ୍ର ସ୍ୱାଧୀନ ପ୍ରାର୍ଥୀଭାବେ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି।

# ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ



ଅତିଥି ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ କରୁଛନ୍ତି।

ଯାଜପୁରରୋଡ୍,୧୭।୫(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ପୌର ପରିଷଦର ଚୋରଦା ଛକଠାରେ ଶୁକ୍ରବାର ଅପରାହ୍ନରେ ବିଜେଡିର ଏକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଜିଲା ବିଜେଡି ମହିଳା ସଭାନେତ୍ରୀ ସବିତା ରାଉତ ଏହାକୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଉପନଗରପାଳ ସୁବାସ ଚନ୍ଦ୍ର ବଳ ଅଧ୍ୟକ୍ଷତା କରିଥିଲେ। କୋରେଇ ବିଜେଡି ବିଧାୟକ ପ୍ରାର୍ଥିନୀ ସନ୍ଧ୍ୟାରାଣୀ ଦାସ ଓ ଯାଜପୁର ସାଂସଦ ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀଙ୍କୁ ବିପୁଳ ସଂଖ୍ୟାରେ ଭୋଟଦେଇ ଜୟଯୁକ୍ତ କରିବା ପାଇଁ ବ୍ୟାସନଗର ବିଜେଡିର ନେତୃବୃନ୍ଦ ଉପସ୍ଥିତ ମହିଳା, ଯୁବକ ଓ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତି, ଚୋରଦା ଗ୍ରାମର ବରିଷ୍ଠ ନେତା ଗଦାଧର ମହାନ୍ତି, ସାମାଜିକ କର୍ମୀ ରବିନାରାୟଣ ପୁହାଣ, ବିଜେଡି ନେତା ଅମୂଲ୍ୟ ନାୟକ, ଯୁବନେତା ରାକେଶ ରାଉତ, ଅନିରୁଦ୍ଧ ମହାନ୍ତି, କାଉନସିଲର ସିଦ୍ଧାର୍ଥ ସାମଲ, ଯୁବନେତା ପ୍ରଭାତ ସାହୁ, ବିବେକାନନ୍ଦ ମହାନ୍ତି, ଦେବୀପ୍ରସାଦ ସାମଲ ଓ ଅଜୟ ସାହୁଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

## ବଡ଼ଚଣାର ୯ ପ୍ରାର୍ଥିପତ୍ର କାଏମ

ବଡ଼ଚଣା,୧୭।୫(ଦିଲୀପ କୁମାର ମହାନ୍ତି)

ବଡ଼ଚଣା ବିଧାନସଭା ଆସନ ପାଇଁ ୯ ଜଣ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଥିବାବେଳେ ସମସ୍ତଙ୍କର କାଏମ ରହିଛି। ଏଥିରେ କଂଗ୍ରେସର ଅଜୟ କୁମାର ସାମଲ, ଭାଜପାର ଅମର କୁମାର ନାୟକ, ବିଜେଡିର ବର୍ଷା ପ୍ରିୟଦର୍ଶିନୀ, ଏଏପିର ବିଜୟ କୁମାର ଦାସ, ବହୁଜନ ସମାଜ ପାର୍ଟିର ଲକ୍ଷ୍ମୀ ମଲ୍ଲିକ, ନ୍ୟାଶନାଲ ଆପନୀ ପାର୍ଟିର ଦେବେନ୍ଦ୍ର କୁମାର ସାମଲଙ୍କ ସହ ୩ ସ୍ୱାଧୀନ ପ୍ରାର୍ଥୀ ଅଜୟ ଅନୁରାଗ ମହାନ୍ତି, ତରଣି ମଲ୍ଲିକ ଓ ମନୋରଞ୍ଜନ ଜେନା ପ୍ରମୁଖଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ଏହି ୯ ଜଣଙ୍କ ମଧ୍ୟରୁ ବିଜେଡି ପ୍ରାର୍ଥୀ ବର୍ଷା ପ୍ରିୟଦର୍ଶିନୀ ଓ ଭାଜପା ପ୍ରାର୍ଥୀ ଅମର ନାୟକଙ୍କ ମଧ୍ୟରେ ପ୍ରତିଯୋଗିତା ହେବ ବୋଲି ସାଧାରଣ ଭୋଟର ମତ ଦେଇଛନ୍ତି। ଉଭୟ ପ୍ରାର୍ଥୀ ବିଭିନ୍ନ ପଞ୍ଚାୟତରେ ସଭା ସମିତି କରିବା ସହ ପ୍ରତିଦିନ ନୂଆ ଭୋଟରଙ୍କୁ ଆଣି ନିଜ ଦଳରେ ସାମିଲ କରୁଛନ୍ତି। ୨୫ ତାରିଖ ପରେ ବିଭିନ୍ନ ଦଳର ହେଭିୱେଟ ନେତା ବଡ଼ଚଣାରେ ସଭାସମିତି କରି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଭିକ୍ଷା କରିବେ ବୋଲି ଆଭାସ ମିଳିଛି।

# ଧର୍ମଶାଳା ବିଜେଡିର ମିଶ୍ରଣ ପର୍ବ



ବିଜେଡିରେ ସାମିଲ ହୋଇଥିବା କର୍ମୀଙ୍କୁ ବିଧାୟକ ସ୍ୱାଗତ କରୁଛନ୍ତି।

ଧର୍ମଶାଳା,୧୭।୫(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବିଜେଡିର ଏକ ମିଶ୍ରଣ ପର୍ବ ଜାରକାସ୍ଥିତ ଦଳୀୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ରସୁଲପୁର ବ୍ଲକ ୩୪ନଂ. ଜୋନ୍ ଓଡିଶୋ ପଞ୍ଚାୟତର ବହୁ ଭାଜପା କର୍ମୀ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ସେମାନେ ହେଲେ କ୍ଷୀରୋଦ ମଳିକ, ନିରଞ୍ଜନ ମଳିକ, ନିର୍ମଳ ମଳିକ, ନବଘନ ମଳିକ, ଶ୍ୟାମସୁନ୍ଦର ମଳିକ, ପ୍ରଦୀପ ମଳିକ, ମେଘନାଦ ମଳିକ ଓ ମନୋଜ ମଳିକ ପ୍ରମୁଖ। ସେମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ବିଧାୟକ ବଳବନ୍ତରାୟ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବକୁ ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ ପରିଚାଳନା କରିଥିଲେ।

# କୋରେଇ କଂଗ୍ରେସର ନିର୍ବାଚନୀ ପ୍ରଚାର

କୋରେଇ,୧୭।୫(ଚନ୍ଦ୍ରକାନ୍ତ ପତି)

କୋରେଇ ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥିନୀ ବନ୍ଦିତା ପରିଡ଼ା ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ଗତ ନିର୍ବାଚନରେ ୨୮ ହଜାର ଭୋଟ ପାଇଥିବା ବନ୍ଦିତା ଆଗାମୀ ନିର୍ବାଚନ ପାଇଁ ନୂତନ ରଣନୀତି ପ୍ରସ୍ତୁତ କରୁଛନ୍ତି। ବନ୍ଦିତା କୋରେଇର ବିଭିନ୍ନ ପଞ୍ଚାୟତ ଓ ବ୍ୟାସନଗର ପୌରାଞ୍ଚଳର ବିଭିନ୍ନ ୱାର୍ଡ ବୁଲି ମାଟି ମା' କୋରେଇର ସ୍ୱାଭିମାନକୁ ନେଇ ଭାଷଣ ମାଧ୍ୟମରେ ବିରୋଧୀଙ୍କୁ ଟାର୍ଗେଟ କରୁଛନ୍ତି। ଗୁରୁବାର ତଳଗଡ ପଞ୍ଚାୟତ କଂଗ୍ରେସ କମିଟି ପକ୍ଷରୁ ସଭାପତି ବିଦ୍ୟୁଭୂଷଣ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ବୈଠକରେ ବନ୍ଦିତା ଯୋଗଦେଇ ବିଜେଡି ଓ ଭାଜପାକୁ ସମାଲୋଚନା କରିଥିଲେ।

ଉକ୍ତ ବୈଠକରେ ବ୍ଲକ ସଭାପତି ଅକ୍ଷୟ କୁମାର ଜେନା, ଉପସଭାପତି ନିରଞ୍ଜନ ନାୟକ, ଯୁବ ସଭାପତି ରବିପ୍ରକାଶ ନାୟକ, ସଂଯୋଜକ ଉମାକାନ୍ତ ବେହେରା, ଓଡ଼ିଶା ଯୁବ କଂଗ୍ରେସ ସମ୍ପାଦକ ରାକେଶ ସାହୁ, ୧ ନଂ. ଜୋନ୍ ସମ୍ପାଦକ ଶ୍ୟାମସୁନ୍ଦର ଜେନା, କୋରେଇ ଯୁବ କଂଗ୍ରେସ ସୋସିଆଲ ମିଡିଆ ସଂଯୋଜକ ଭାଗିରଥି ମଲ୍ଲିକ, ତଳଗଡ ପଞ୍ଚାୟତ କଂଗ୍ରେସ କର୍ମୀ ପ୍ରମୋଦ ମଲ୍ଲିକ, ଦିଲୀପ ମଲ୍ଲିକ, ସଞ୍ଜୟ କୁମାର ଜେନା, ସଞ୍ଜୟ କୁମାର ରାଉତ, ବିଷ୍ଣୁଚରଣ ପାତ୍ର ଓ ମାମିନା ମଲ୍ଲିକଙ୍କ ସମେତ ବହୁ ବରିଷ୍ଠ ନେତା ଏବଂ କର୍ମୀ ଯୋଗଦେଇଥିଲେ।

# ଏକାଠି ହେଲେ ହିମାଂଶୁ, ଶ୍ରୀକାନ୍ତ



ଖବରଦାତା ସମ୍ମିଳନୀରେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ସାହୁ, ଶ୍ରୀକାନ୍ତ ସାହୁ ଓ ଅନ୍ୟମାନେ।

କାଏମା,୧୭।୫(ଶିବ ପ୍ରସାଦ ମହାନ୍ତି)

ଧର୍ମଶାଳା ନିର୍ବାଚନମଣ୍ଡଳୀର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ସାହୁଙ୍କ ସହ ଧର୍ମଶାଳା ବିକାଶ ପରିଷଦ ସଭାପତି ଶ୍ରୀକାନ୍ତ ସାହୁ ସାମିଲ ହୋଇଛନ୍ତି। ଉଭୟେ ଏକାଠି ହୋଇ ଚଳିତ ନିର୍ବାଚନ ଲଢ଼ିବେ ବୋଲି ଗୁରୁବାର ସନ୍ଧ୍ୟାରେ ଶାନ୍ତିବଜାରସ୍ଥିତ ସମ୍ରାଟ ମଣ୍ଡପରେ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଶ୍ରୀକାନ୍ତ ସାହୁ ଛାତ୍ର ଜୀବନରୁ ରାଜନୀତି ସହ ଜଡ଼ିତ ଥିବାବେଳେ ଧର୍ମଶାଳା ବିକାଶ ପରିଷଦ, ମାତୃଶକ୍ତି ମହିଳା ସଂଘ, ଧର୍ମଶାଳା ଶ୍ରମିକ ସଂଘ ଏବଂ ବିଦ୍ୟୁତ୍ କର୍ମଚାରୀ ସଂଘ କର୍ମକର୍ତ୍ତାଙ୍କୁ ନେଇ ଏକ ବିଶାଳ ସଂଗଠନ ଗଠନ କରିଛନ୍ତି। ଧର୍ମଶାଳାରେ ପରିବର୍ତ୍ତନ ପାଇଁ ସେ ବିଜେଡି ପକ୍ଷରୁ ବିଧାନସଭା ପ୍ରାର୍ଥୀ ହେବାକୁ ଆଶାୟୀ ଥିଲେ। ହେଲେ ତାଙ୍କୁ ଟିକେଟ ମିଳି ନ ଥିଲା କି ଦଳରେ ଗୁରୁତ୍ୱ ଦିଆଯାଇ ନ ଥିଲା। ତେଣୁ ସେ କିଛିଦିନ ତଳେ ବିଜେଡିରୁ ଇସ୍ତଫା ଦେଇଥିବା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ନିର୍ବାଚନରେ ସେ ଓ ତାଙ୍କ ସମର୍ଥକ 'ଧନ, ମନ, ତନ' ଲଗାଇ ହିମାଂଶୁଙ୍କୁ ସାହାଯ୍ୟ କରିବେ ବୋଲି ଶ୍ରୀକାନ୍ତ କହିଛନ୍ତି। ଧର୍ମଶାଳାବାସୀଙ୍କ ସ୍ୱାର୍ଥପାଇଁ ଉଭୟେ ଏକାଠି ହୋଇଥିବା ମତ ରଖିଛନ୍ତି।

# ପ୍ରାର୍ଥିପତ୍ର ପ୍ରତ୍ୟାହାର କଲେ ସ୍ୱାଧୀନ ପ୍ରାର୍ଥୀ



ସ୍ୱାଧୀନ ପ୍ରାର୍ଥୀ ବନମାଳୀ ରଥ ନିଜ ପ୍ରାର୍ଥିପତ୍ର ପ୍ରତ୍ୟାହାର କରୁଛନ୍ତି।

ଯାଜପୁର ଟାଉନ,୧୭।୫
(ପ୍ରଯକ୍ତା ପ୍ରୀୟଦର୍ଶନୀ ମହାନ୍ତି)

ଯାଜପୁର ଜିଲାରେ ନାମାଙ୍କନ ଯାଞ୍ଚ ପ୍ରକ୍ରିୟା ସରିବା ପରେ ଶୁକ୍ରବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ଶେଷ ହୋଇଛି। କୋରେଇ ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀଭାବେ ପ୍ରାର୍ଥିପତ୍ର ଭରିଥିବା ବନମାଳୀ ରଥ ନିଜ ପ୍ରାର୍ଥିପତ୍ରକୁ ଶୁକ୍ରବାର ପ୍ରତ୍ୟାହାର କରିନେଇଛନ୍ତି। ସେ ବିଜେଡିର ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରି ଆସୁଥିବାବେଳେ ବିଧାୟକ ଟିକେଟ୍ ପାଇଁ ଆଶାୟୀ ଥିଲେ। କିନ୍ତୁ ଶେଷ ପର୍ଯ୍ୟାୟରେ ତାଙ୍କୁ ଟିକେଟ୍ ମିଳି ନ ଥିଲା। ଦଳ ସହ ତାଙ୍କ ମନମାଳିନ୍ୟ ହେବାରୁ ସେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାକୁ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଦଳର ସାଙ୍ଗଠନିକଙ୍କ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଭବପ୍ରସାଦ ଦାସଙ୍କ ପ୍ରତିଶ୍ରୁତିରେ ସନ୍ତୁଷ୍ଟ ହୋଇ ସେ ଯାଜପୁର ଉପଜିଲାପାଳ ଅଂଶୁମାନ ଶତପଥୀଙ୍କ ନିକଟରେ ଆସି ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ଆଗାମୀ ଦିନରେ ସେ ବିଜେଡି ପାଇଁ କାମ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବେ ବୋଲି କହିଛନ୍ତି। ପରେ ତାଙ୍କୁ ବିଜେଡି ପକ୍ଷରୁ ପୌରପାଳିକାର ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି।

# ହାଇୱାରେ ପିଟି ହୋଇ ବାଇକ୍ ଚାଳକଙ୍କ ମୃତ୍ୟୁ

ପାଣିକୋଇଲି,୧୭।୫(ବିକାଶ କୁମାର ମଲ୍ଲିକ)



ଯାଜପୁର ଜିଲା ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ଟିକର ଛକ ନିକଟରେ ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟାରେ ହାଇୱାରେ ପିଟିହୋଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଭଦ୍ରକ ଜିଲା ବଅନ୍ତ ଥାନା ଅନ୍ତର୍ଗତ ନିଳକ ଗ୍ରାମର ସନ୍ତୋଷ କୁମାର ଦାସ(୪୧) ଏବଂ ଗୁରୁତର ଯୁବକ ଜଣକ ଭଣ୍ଡାରଗଡିଆ ଗ୍ରାମର କୁଳମଣି ଲେଙ୍କା(୪୦) ବୋଲି ଜଣାପଡିଛି। ଗୁରୁତର କୁଳମଣିଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ଏକ ହାଇୱା ରାଜପଥ ଉପରେ ଛିଡା ହୋଇଥିଲା। ଉଭୟେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଏକ ଠିକାସଂସ୍ଥାରେ କାମ କରି ଘରକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ହାଇୱା ପଛରେ ପିଟିହୋଇ ଚକ ତଳେ ଚାପି ହୋଇ ଯାଇଥିଲେ। ଫଳରେ ବାଇକ ଚାଳକ ସନ୍ତୋଷଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ଓ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟମାନେ ପହଞ୍ଚି ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ପାଣିକୋଇଲି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗାଡି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିଶ୍ୱନାଥ



@ ବିକାଶ



@ ଅନାମ



@ ସରଜୁକୁମାରୀ



@ ସ୍ୱାଗତମ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲା ବିଜେଡିର ପଦବୀ ବଣ୍ଟନ

ପାଣିକୋଇଲି,୧୭।୫(ବିକାଶ ମଲ୍ଲିକ)

ଯାଜପୁର ଜିଲା ବିଜେଡି ପକ୍ଷରୁ ବିଭିନ୍ନ କର୍ମକର୍ତ୍ତାଙ୍କୁ ପଦବୀ ବଣ୍ଟନ କରାଯାଇଛି। ଶୁକ୍ରବାର ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର ଏହି ପଦବୀ ବଣ୍ଟନ କରିଛନ୍ତି। ଏଥିରେ କୋରେଇ ବ୍ଲକର ମାନସ ସାହୁ ଯାଜପୁର ଯୁବ ବିଜେଡିର ସାଧାରଣ ସମ୍ପାଦକ, ଦେବବ୍ରତ ମହାପାତ୍ର ଜିଲା ଛାତ୍ର ବିଜେଡିର ସାଧାରଣ ସମ୍ପାଦକ, ପ୍ରମୋଦ ନାୟକ ଜିଲା ବିଜେଡି ଉପସଭାପତି, ସୁରଜ ଦାସ ଜିଲା ବିଜେଡିର ସମ୍ପାଦକ, ବିଜୟ ଘଡ଼େଇ ଜିଲା ବିଜେଡିର ସମ୍ପାଦକ, ଶଶିଭୂଷଣ ସେନାପତି ଜିଲା କୃଷକ ସେଲ ଉପସଭାପତି, ଲୀଳାବତୀ ସ୍ୱାଇଁ ଜିଲା ବିଜେଡି ମହିଳା ସମ୍ପାଦିକା, ଅମ୍ଳାନ ସାହୁ ଜିଲା ଯୁବ ବିଜେଡି ସମ୍ପାଦକ, ରବୀନ୍ଦ୍ର ବେହେରା ଜିଲା ଦଳିତ ସେଲ ଉପସଭାପତି, ଅଶିଷ ଦାସ କୋରେଇ ବ୍ଲକ ଯୁବ ବିଜେଡି ସମ୍ପାଦକ, ସଞ୍ଜୟ ବାରିକ କୋରେଇ ବ୍ଲକ ଯୁବ ବିଜେଡି ସମ୍ପାଦକ, ଆଶିଷ ଦାସ ବ୍ୟାସନଗର ଯୁବ ବିଜେଡି ଉପସଭାପତି, ସୁଶାନ୍ତ ସାହୁ ଜିଲା ଯୁବ ବିଜେଡି ସମ୍ପାଦକ, ମନୋଜ ଦାସ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ, ବଳରାମ ମହାନ୍ତି ଜିଲା ବିଜେଡି ସାଧାରଣ ସମ୍ପାଦକ, ଆଲୋକ କର କୋରେଇ ବ୍ଲକ ବିଜେଡି ସମ୍ପାଦକ, ମଦନ ପଲେଇ କୋରେଇ ବିଜେଡି ସହ ସମ୍ପାଦକ, ନିତ୍ୟାନନ୍ଦ ମହାଳିକ ବ୍ୟାସନଗର ବିଜେଡିର ସାଧାରଣ ସମ୍ପାଦକ, ଦୁର୍ଗାପ୍ରସାଦ ପରିଡା କୋରେଇ ବ୍ଲକ ଯୁବ ବିଜେଡି ସମ୍ପାଦକ, ପ୍ରଦୀପ ମଲିକ ବ୍ଲକ ଛାତ୍ର ବିଜେଡି ସମ୍ପାଦକ, ପୁଣ୍ୟତୋଷ ସିହ୍ନା ବ୍ଲକ ଛାତ୍ର ବିଜେଡି ସମ୍ପାଦକ, କରୁଣାକର ମାଝି ଜିଲା ଦଳିତ ସେଲ ସାଧାରଣ ସମ୍ପାଦକ ଓ ସଞ୍ଜୀବ ନାୟକ ବ୍ଲକ ବିଜେଡି ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି।

# ୮୬୭ ବୁଥ୍‌ରେ ହେବ ୱେବ୍‌କାଷ୍ଟିଂ

କେନ୍ଦ୍ରାପଡ଼ା, ୧୭।୫(ଜଗନ୍ନାଥ ଧଳ)

**କେନ୍ଦ୍ରାପଡ଼ା ଜିଲାରେ ୧୪୪୫ ବୁଥ୍**
- ୨୪୫ ବୁଥ୍ ଉତ୍ତେଜନାପୂର୍ଣ୍ଣ
- ଜୁନ୍ ୧ରେ ମତଦାନ

ଜୁନ୍ ୧ରେ ସାଧାରଣ ନିର୍ବାଚନର ମତଦାନ ପାଇଁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ପ୍ରାୟ ଶେଷ ହୋଇଛି। ମୋଟ୍ ୧୪୪୫ ମଧ୍ୟରୁ ୮୬୭ ବୁଥ୍‌ରେ ଲାଇଭ୍ ଫୁଟେଜ୍ ପାଇଁ ୱେବ୍‌କାଷ୍ଟିଂ ହେବ। ଏଥିସହ ଏହି ବୁଥ୍‌ଗୁଡ଼ିକରେ ମାଇକ୍ରୋ ଅବଜର୍ଭର ରହିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦେଶର ନିର୍ବାଚନ ଏକ ଗଣତାନ୍ତ୍ରିକ ପରମ୍ପରା। ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ଜିଲା ପ୍ରଶାସନର କର୍ତ୍ତବ୍ୟ। ଏହି ପରିପ୍ରେକ୍ଷୀରେ ନିର୍ବାଚନୀ ପ୍ରକ୍ରିୟାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିଧାନସଭା ଓ ଲୋକ ସଭା ପାଇଁ ଏକକ ନିର୍ବାଚନ ହେଉଥିବାରୁ ସତର୍କତାର ସହ ନିରୀକ୍ଷଣ କରାଯାଉଛି। ଚଳିତଥର ମୋଟ ୧୪୪୫ଟି ବୁଥ୍‌ରୁ ୪୫୪ଟିରେ ପୁରୁଷ, ୯୨ଟିରେ ମହିଳା ଓ ଅବଶିଷ୍ଟ ୮୯୯ଟିରେ ମହିଳା ଓ ପୁରୁଷ ନିର୍ବାଚନ ପ୍ରକ୍ରିୟା ପରିଚାଳନା କରିବେ। ମହିଳାଙ୍କ ଦ୍ୱାରା ପରିଚାଳିତ ୯୨ ବୁଥ୍ ସହ ପ୍ରତି ବିଧାନସଭା ଅଞ୍ଚଳରେ ଗୋଟିଏରେ ଭିନ୍ନକ୍ଷମ, ୫ଟିରେ ଯୁବ ଓ ୫ଟି କେନ୍ଦ୍ର ବିଷୟଭିତ୍ତିକ ହେବ। ଏହି ବୁଥ୍ ମଧ୍ୟରୁ ୫୭ଟି ସ୍ଥାନରେ ୬୪ ବୁଥ୍ ସାମାନ୍ୟ ଉତ୍ତେଜନାପୂର୍ଣ୍ଣ ଚିହ୍ନଟ ହୋଇଥିବା ବେଳେ ୧୭୬ଟି ସ୍ଥାନରେ ଥିବା ୨୪୫ଟି ବୁଥ୍ ଉତ୍ତେଜନାପୂର୍ଣ୍ଣ ଭାବେ ଚିହ୍ନଟ ହୋଇଛି। ଏଥିପାଇଁ ୮୬୭ଟି ସ୍ଥାନରେ ୱେବ୍‌କାଷ୍ଟିଂ, ୨୮୨ ସ୍ଥାନରେ ସିସିଟିଭି ଓ ୫୮ ସ୍ଥାନରେ ଭିଡିଓଗ୍ରାଫି ବ୍ୟବସ୍ଥା ହୋଇଛି। ଅଦ୍ୟାବଧି ଜିଲା ପ୍ରଶାସନ ପକ୍ଷରୁ ବେଆଇନ ଭାବେ ବ୍ୟବହାର ହେବାକୁଥିବା ୩୦୬.୩୦୪ ଲକ୍ଷ ଟଙ୍କାର ସାମଗ୍ରୀ ଜବତ ହୋଇଛି। ସେହିପରି ସି ଭିଜିଲ ଓ ଅଭିଯୋଗଗୁଡ଼ିକ ମଧ୍ୟରୁ ୩୬୨ ମାମଲା ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଜିଲାର ୯ ବ୍ଲକ ଓ ୨ ପୌରାଞ୍ଚଳରେ ମୋଟ ୭୨୩୭ଟି ପୋଷ୍ଟାଲ ବାଲଟ୍ ପାଇଁ ଆବେଦନପତ୍ର ମିଳିଥିବା ବେଳେ ଘର ନିକଟରେ ୧୦୨୭, ମ୍ୟୁନିସିପାଲିଟି ବୁଥ୍‌ରେ ୪୭୧ଟି ଭୋଟ ଗ୍ରହଣ ହେବ ବୋଲି ସୂଚନା ମିଳିଥିବା ଜିଲା ନିର୍ବାଚନ ଅଧିକାରୀ ବିକାଶ କହିଛନ୍ତି। ଏସ୍‌ପି ସିଦ୍ଧାର୍ଥ କାଟରିଆ ଆଇନଶୃଙ୍ଖଳା ସମ୍ପର୍କରେ ମତ ରଖିଥିଲେ। ସମ୍ମିଳନୀରେ ଏଡିଏମ୍ ପୀତାମ୍ବର ସାମଲ, ଏଡିଏମ୍ ନିଲୁ ମହାପାତ୍ର, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଉପଜିଲାପାଳ ଅଶୋକ କୁମାର ଦାସ, ଡିଆଇପିଆର୍‌ଓ ଆଲୋକ ମହାନ୍ତି, ଏଡିଆଇପିଆର୍‌ଓ ଅଶୋକ କୁମାର ବଳିୟାରସିଂ ପ୍ରମୁଖ ସାମିଲ ଥିଲେ।

## ସାପକାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଡେରାବିଶ,୧୭।୫ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଇନ୍ଦାଳୋ ପଞ୍ଚାୟତ ଅନ୍ତର୍ଗତ୍ ବାଲିସାହି ଗ୍ରାମରେ ଶୁକ୍ରବାର ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ମିଲି ମଳିକ (୨୭)। ଶୁକ୍ରବାର ସକାଳେ ବାଲି ସାହି ଗ୍ରାମର ସୁନାକର ମଳିକଙ୍କ ସ୍ତ୍ରୀ ମିଲି ମଳିକ (୨୭) ଘରେ ଶୋଇଥିବା ବେଳେ କୌଣସି ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ସାପ କାମୁଡ଼ିବାର କିଛି ସମୟ ପରେ ମିଲି ଗୁରୁତର ହୋଇପଡ଼ିବାରୁ ତାଙ୍କୁ ପରିବାର ଲୋକେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ସନ୍ଧ୍ୟା ହୋଇଯାଇଥିବାରୁ ଆସନ୍ତା କାଲି ମିଲିଙ୍କ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପରିବାର ସୂତ୍ରରୁ ଜଣାଯାଇଛି।

## ଧ୍ରୁବ, ଅଂଶୁମାନଙ୍କ ରୋଡ୍ ଶୋ’

ପଟ୍ଟାମୁଣ୍ଡାଇ, ୧୭।୫ (କଳ୍ପତରୁ ନାୟକ)

ରାଜନଗର ନିର୍ବାଚନମଣ୍ଡଳୀରେ ବିଜେଡିର ପ୍ରଚାର ଅଭିଯାନ ଜୋରଦାର ହୋଇଛି। ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକର ଧୋୟାଞ୍ଚଳ ଭାବେ ପରିଚିତ ଶାସନ, ଶ୍ରୀରାମପୁର, ଡାମରପୁର ଓ ବଳଭଦ୍ରପୁର ପଞ୍ଚାୟତରେ ବିଜେଡି ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଓ କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ରୋଡ୍ ଶୋ କରି ଭୋଟ ଭିକ୍ଷା କରିଥିଲେ। ରୋଡ୍ ଶୋରେ ଧ୍ରୁବ ଓ ଅଂଶୁମାନଙ୍କ ସହ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ଜିଲା ବିଜେଡି ଉପସଭାପତି ସୁବାସ ଦାଶ, ୧୭ନଂ. ଜିଲା ପରିଷଦ ସଭ୍ୟ ରଞ୍ଜନ ବିଶ୍ୱାଳ, ୧୮ନଂ. ଜିଲା ପରିଷଦ ସଦସ୍ୟ ରଶ୍ମି ମଲିକ, କ୍ଷୀରୋଦ ସାମନ୍ତରାୟ, ଶାସନ ସରପଞ୍ଚ ସଂଗ୍ରାମ ବାରିକ, ପୂର୍ବତନ ସରପଞ୍ଚ ଅଶୋକ ପରିଡା ଓ ପ୍ରଶାନ୍ତ ପରିଡା ପ୍ରମୁଖ ବହୁ ବିଜେଡି ନେତା କର୍ମକର୍ତ୍ତା ପଟ୍ଟାମୁଣ୍ଡାଇ ବିକାଶ ପାଇଁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିଥିଲେ।



ଏମ୍‌ପି ପ୍ରାର୍ଥୀ ଅଂଶୁମାନ ମହାନ୍ତି, ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ରୋଡ୍ ଶୋ’ରେ ଯାଉଛନ୍ତି।

## ଭାଜପା ଛାଡ଼ିଲେ ବାଲିସାହିପାଟଣା ସରପଞ୍ଚ



ନୂତନ କର୍ମୀଙ୍କ ଗହଣରେ ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଓ ଅନ୍ୟମାନେ।

ରାଜନଗର, ୧୭।୫(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବାଲିସାହିପାଟଣା ସରପଞ୍ଚ ତଥା ଭାଜପା ନେତା କୈଳାସ ଚନ୍ଦ୍ର ପରିଡ଼ାଙ୍କ ନେତୃତ୍ୱରେ ୨ଶହରୁ ଅଧିକ କର୍ମୀ ଶୁକ୍ରବାର ବିଜେଡିରେ ସାମିଲ ହୋଇଛନ୍ତି। ରାଜନଗରସ୍ଥିତ ବ୍ଲକ ବିଜେଡି କାର୍ଯ୍ୟାଳୟରେ ବିଧାୟକ ତଥା ବିଜେଡିର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁଙ୍କ ଉପସ୍ଥିତିରେ ଭାଜପା କର୍ମୀମାନେ ଦଳରେ ସାମିଲ ହୋଇଛନ୍ତି। ୮ ଦିନ ତଳେ ଖମାରସାହି ପଞ୍ଚାୟତର ଭାଜପା ସମର୍ଥିତ ସରପଞ୍ଚ ଅନସୂୟା ବିଶ୍ୱାଳଙ୍କ ସମେତ ତାଙ୍କ ସମର୍ଥକମାନେ ବିଜେଡିରେ ସାମିଲ ହୋଇଥିଲେ। ୮ ଦିନ ମଧ୍ୟରେ ୨ ଜଣ ଭାଜପା ସମର୍ଥିତ ସରପଞ୍ଚ ବିଜେଡିରେ ସାମିଲ ହୋଇଛନ୍ତି। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଧ୍ରୁବ ସାହୁ ଉପସ୍ଥିତ ରହି ଭାଜପା ସମର୍ଥିତ ସରପଞ୍ଚ ଓ ତାଙ୍କ ସମର୍ଥକମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏଥିସହ ଏହି ମିଶ୍ରଣ ଫଳରେ ବିଜେଡି ଅଧିକ ଶକ୍ତିଶାଳୀ ହୋଇଛି ବୋଲି କହିଥିଲେ। ଭାଜପା ସମର୍ଥିତ ବାଲିସାହିପାଟଣା ସରପଞ୍ଚ ପରିଡାଙ୍କ ସହ ସମବାୟବିତ୍ ଦିଲୀପ କୁମାର ପାତ୍ର, ଜୟିରାମ ରାଉତ, ସୁବାସ ରାଉତ, ଜନ୍ମେଜୟ ରାଉତ, ପରିକ୍ଷିତ ପରିଡ଼ା, ପୀତବାସ ରାଉତ, ମହେଶ୍ୱର ରାଉତ, ସନ୍ତୋଷ କୁମାର ପରିଡ଼ା, ସୁରେଶ ପ୍ରଧାନ, ବିଜୟ କୁମାର ରାଉତ, ଅଭିରାମ ପରିଡ଼ା, ଗଣେଶ ରାଉତ, ରଞ୍ଜନ ରାଉତ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସୁଶାସନ ଓ ବିଧାୟକଙ୍କ ନେତୃତ୍ୱରେ ରାଜନଗରରେ ଚାଲିଥିବା ବିକାଶ ପର୍ବରେ ଅନୁପ୍ରାଣିତ ହୋଇ ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଥିବା ନେଇ କୈଳାସଙ୍କ ସମେତ କର୍ମୀମାନେ କହିଥିଲେ। ଏହି ମିଶ୍ରଣ ପର୍ବରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଦେବେନ୍ଦ୍ର କୁମାର ଜେନା, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ଆମ୍ବାର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, ବାଲିସାହିପାଟଣା ବିଜେଡି ସଭାପତି ବଂଶୀଧର ବରାଳ, ରେବତି ରମଣ ବଳ ପ୍ରମୁଖ ଯୋଗଦେଇ ନୂତନ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ।

## ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଡେରାବିଶ, ୧୭।୫ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଥାନା କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ଓଲଡ଼ି-ନିକିରାଇ ରାସ୍ତାର ଆଦର୍ଶ ବିଦ୍ୟାଳୟ ନିକଟରେ ଗୁରୁବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଯୁବକ ହେଲେ ନିକିରାଇ ଥାନା ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତ ତ୍ରିପୁରାରୀପୁର (ଘଣ୍ଟପଦା)ଗ୍ରାମର ପଦ୍ମଚରଣ ମଲ୍ଲିକଙ୍କ ପୁଅ ସୁରେନ୍ଦ୍ର (୩୪) ବୋଲି ଜଣାଯାଇଛି। ତେବେ ଏହି ଦୁର୍ଘଟଣା ସମ୍ବନ୍ଧରେ ମୃତକଙ୍କ ଭିଣୋଇ ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ମାନସ ରଞ୍ଜନ ବଳ ଶୁକ୍ରବାର ପୂର୍ବାହ୍ନରେ ଡେରାବିଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସୁରେନ୍ଦ୍ରଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ମୃତ ସୁରେନ୍ଦ୍ର ୪ ଦିନ ହେଲା ନିଜ ଘରକୁ ନ ଯାଇ ବୀରନୀଳକଣ୍ଠପୁରସ୍ଥିତ ନିଜ ଭଉଣୀଘରେ ରହିଥିଲେ। ଗୁରୁବାର ସନ୍ଧ୍ୟାରେ ବାଇକ୍ ଧରି ଭଉଣୀ ଘରୁ ବୁଲିବାକୁ ଯାଇଥିଲା। ହେଲେ ଭିଣୋଇ ମାନସ ରାତିରେ ନିକଟସ୍ଥ ରାମଚଣ୍ଡୀ ମନ୍ଦିରକୁ ଏକ ଭୋଜି ଖାଇବାକୁ ଯାଇଥିଲେ। ଏକ ଅଜଣା ଗାଡ଼ି ଧକ୍କାରେ ତାଙ୍କ ଶଳା ସୁରେନ୍ଦ୍ର ମୁମୂର୍ଷୁ ଅବସ୍ଥାରେ ଆଦର୍ଶ ବିଦ୍ୟାଳୟ ନିକଟ ରାସ୍ତାରେ ପଡ଼ିଥିବା ଜାଣିବାକୁ ପାଇଥିଲେ। ମାନସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ସୁରେନ୍ଦ୍ରଙ୍କୁ ଉଦ୍ଧାରକରି ଚିକିତ୍ସା ନିମନ୍ତେ ପ୍ରଥମେ ନିକଟସ୍ଥ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସିତ ଅବସ୍ଥାରେ ସୁରେନ୍ଦ୍ରଙ୍କ ମୃତ୍ୟୁ ହୋଇଯାଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ।

## କଂଗ୍ରେସ କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ



ପଟ୍ଟାମୁଣ୍ଡାଇ, ୧୭।୫(କଳ୍ପତରୁ ନାୟକ)

କଂଗ୍ରେସ ଦଳ ପକ୍ଷରୁ ଶୁକ୍ରବାର ପଟ୍ଟାମୁଣ୍ଡାଇ ବ୍ଲକ ଖଡ଼ିଅଣ୍ଟା ପଞ୍ଚାୟତସ୍ତରୀୟ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ଓବିସି ସେଲ୍ କଂଗ୍ରେସ ଅଧ୍ୟକ୍ଷ ମଳୟ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଦଳର କେନ୍ଦ୍ରାପଡ଼ା ଲୋକ ସଭା ପାର୍ଥୀ ଇଂ. ସିଦ୍ଧାର୍ଥ ସ୍ୱରୂପ ଦାଶ, ବିଧାନସଭା ପ୍ରାର୍ଥୀ ଅଶୋକ ପଡ଼ିହାରୀ, ରମାକାନ୍ତ ଦାଶ, ମାନସ ରଞ୍ଜନ ମହାନ୍ତି, ଧନେଶ୍ୱର ଦାସ, ଦିଲୀପ କୁମାର ସେଠୀ, ରବି ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓଡ଼ିଆ ଠିକ୍ ଭାବେ କହିପାରିଲେ ନା ଲେଖିପାରିଲେ। ଏଠି ଅସ୍ମିତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ତେବେ ପଟ୍ଟାମୁଣ୍ଡାଇ-ରାଜନଗରବାସୀ ଏହାର ଉଚିତ ଜବାବ ଜୁନ୍ ୧ରେ ଦେବେ। ଉଭୟ ଲୋକ ସଭା ଓ ବିଧାନସଭା ଆସନରେ ବହୁମତ ପାଇ ସରକାର ପରିବର୍ତ୍ତନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ଗଣେଶ ମଲିକ ଓ ଦିଲୀପ ମଲିକଙ୍କ ନେତୃତ୍ୱରେ ୨୬ଜଣ କର୍ମୀ କଂଗ୍ରେସରେ ଯୋଗଦେଇଥିଲେ।

## ପାନୀୟ ଜଳ ମିଳୁନି: ଭୋଟରେ ଜବାବ ଦେବେ ଲୋକେ



ଭାଜପାର ବ୍ଲକସ୍ତରୀୟ ଯୁବ ମୋର୍ଚ୍ଚା ସମାରୋହରେ ଯୋଗଦେଇଥିବା ନେତୃମଣ୍ଡଳୀ।

ଏରସମା,୧୭।୫ (ଦୀପ୍ତି ଖଣ୍ଡୁଆଳ)

**ଭାଜପାର ବ୍ଲକସ୍ତରୀୟ ଯୁବମୋର୍ଚ୍ଚା ସମାରୋହ**

ଏରସମା ବ୍ଲକ ଅନ୍ତର୍ଗତ ଏକ ମଣ୍ଡପରେ ଶୁକ୍ରବାର ଭାଜପା ପକ୍ଷରୁ ବ୍ଲକସ୍ତରୀୟ ଯୁବ ମୋର୍ଚ୍ଚା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ନୃସିଂହ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ସତ୍ୟ ସାରଥି ମହାନ୍ତି ଯୋଗଦେଇ କହିଥିଲେ, ଏରସମା ଏକ ସମୁଦ୍ର ଉପକୂଳବର୍ତ୍ତୀଅଞ୍ଚଳ। ବିଜେଡି ସରକାର ୨୫ ବର୍ଷ ଶାସନ କାଳ ମଧ୍ୟରେ ଏଠାରେ ପ୍ରତି ପଞ୍ଚାୟତକୁ ପାନୀୟ ଜଳର ସୁବିଧା ଯୋଗାଇ ପାରିନାହିଁ। ଫଳରେ ଏବେବି ଏରସମାର ଲୋକେ ପୋଖରୀ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ଏହି ଅବସରରେ ବହୁ ଭାଜପା କର୍ମୀ ଶୋଭାଯାତ୍ରାରେ ଆସି ସଭାସ୍ଥଳରେ ପହଞ୍ଚିଥିଲେ। ସଭାରେ ଭାଜପା ଜିଲା କୋଷାଧ୍ୟକ୍ଷ ନିର୍ଲିପ୍ତ ଜେନା ଯୋଗଦେଇ ସାଧାରଣ ଲୋକେ ରାଜ୍ୟ ସରକାରଙ୍କୁ ମତଦାନ ସମୟରେ ଉଚିତ ଜବାବ୍ ଦେବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାରୋହରେ ଏରସମା ମଣ୍ଡଳ ସଭାପତି ଜଟାଧାରୀ ସ୍ୱାଇଁ, ଜିଲା ଯୁବମୋର୍ଚ୍ଚା ସଂଯୋଜକ ସୁଶାନ୍ତ ସ୍ୱାଇଁ, ବ୍ଲକ ଅନୁସୂଚିତ ଜନଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ ଅମରେନ୍ଦ୍ର ଦଳାଇ, ଯୁବ ନେତା ନେତ୍ରାନନ୍ଦ ବେହେରା, ଶ୍ରୀକାନ୍ତ ଦାସ, ଏରସମା ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ବିଶ୍ୱନାଥ ପ୍ରତାପ, ଗୋଡ଼ା ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ମଳୟ ଶୁକ୍ଳା, ପୂର୍ବତନ ଭାଜପା ଯୁବମୋର୍ଚ୍ଚା ସଭାପତି ଦିଲୀପ ଦାସ, ଏରସମା ମଣ୍ଡଳ ଉପସଭାପତି ଶିଶିର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

## ଦୁର୍ଦ୍ଦଶାରେ ଡେରାବିଶ ଆଦର୍ଶ ବିଦ୍ୟାଳୟ

ଡେରାବିଶ, ୧୭।୫(ବେବର୍ତ୍ତା ଅଜୟ ଦାସ)

**ବର୍ଷାରେ ଶ୍ରେଣୀଗୃହ, କାର୍ଯ୍ୟାଳୟରେ ଲହଡ଼ି ଭାଙ୍ଗିଲା ପାଣି**



କେନ୍ଦ୍ରାପଡା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ କୁରୁଜଙ୍ଗାଠାରେ ପ୍ରତିଷ୍ଠା ହୋଇଥିବା ଆଦର୍ଶ ବିଦ୍ୟାଳୟର ଦୁର୍ଦ୍ଦଶାର ଅନ୍ତ ଘଟୁନାହିଁ। ୨୦୨୨ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୬୫। ବିଦ୍ୟାଳୟ ପାଇଁ କୁରୁଜଙ୍ଗାଠାରେ ନିର୍ମାଣାଧୀନ ନବନିର୍ମିତ ଗୃହ କାର୍ଯ୍ୟ କଚ୍ଛପ ଗତିରେ ଚାଲୁଥିବାରୁ ଗୃହର ମାତ୍ର ୮ଟି କୋଠରୀ ବିଦ୍ୟାଳୟ କର୍ତ୍ତୃପକ୍ଷ ବ୍ୟବହାର କରୁଛନ୍ତି। କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କରାଯାଉଥିବା ଏହି ନବନିର୍ମିତ ଗୃହରେ ମାତ୍ର ୮ଟି କୋଠରୀରେ ବିଦ୍ୟାଳୟ ଶ୍ରେଣୀଗୃହ ଓ କାର୍ଯ୍ୟାଳୟ ଗୃହ ଚାଲୁଛି। ଅବଧି ସରିବାର ନିର୍ମାଣରେ ବହୁ ବିଳମ୍ବ ହେଉଥିବାରୁ ଛାତ୍ର ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଏହାକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋତିରଞ୍ଜନ ପତିଙ୍କ ତାଗିଦ୍ ପରେ ନିର୍ମାଣାଧୀନ ବିଦ୍ୟାଳୟ ଗୃହ କାର୍ଯ୍ୟକୁ ପୁନର୍ବାର ଆରମ୍ଭ କରାଯାଇଥିଲା। ଇତିମଧ୍ୟରେ ବିଭାଗୀୟ ମୁଖ୍ୟ ଯନ୍ତ୍ରୀ ଅମୀୟ ରଞ୍ଜନ ନାୟକ ବିଦ୍ୟାଳୟ ଗୃହର କାର୍ଯ୍ୟ ବୁଲି ଦେଖିବା ସହ ଚଳିତ ମେ ୩୧ ତାରିଖ ସୁଦ୍ଧା ଗୃହ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ଠିକା ସଂସ୍ଥାକୁ ତାଗିଦ୍ କରିଛନ୍ତି। କୌଣସି କାରଣରୁ ଏହି କାର୍ଯ୍ୟ ଯଦି ବିଳମ୍ବ ହୁଏ ତେବେ ପ୍ରତ୍ୟେକ ଦିନ ଠିକାସଂସ୍ଥା ଉପରେ ଜରିମାନା ପୈଠ କରିବେ ବୋଲି ଠିକାସଂସ୍ଥାକୁ ବିଭାଗୀୟ କର୍ତ୍ତୃପକ୍ଷ ତାଗିଦ୍ କରି ଯାଇଛନ୍ତି। ତେବେ କାଳବୈଶାଖୀ ପ୍ରଭାବରେ ମଙ୍ଗଳବାର ହୋଇଥିବା ବଡ ଧରଣର ବର୍ଷାରେ ପାଣି ବିଦ୍ୟାଳୟ, ଶ୍ରେଣୀଗୃହ ଓ କାର୍ଯ୍ୟାଳୟ ମଧ୍ୟରେ ପଶି ଲହଡି ଭାଙ୍ଗିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ବିଷୟରେ ସାମାଜିକ କର୍ମୀ ହଳଧର ଦାଶ କହିଛନ୍ତି, ଅଦିନିଆ ବର୍ଷାରେ ଯଦି ବର୍ଷାପାଣି ଶ୍ରେଣୀଗୃହ ଭିତରେ ଲହଡି ଭାଙ୍ଗେ ବର୍ଷାଋତୁରେ ପିଲାମାନେ କିପରି ଶିକ୍ଷା ଅଧ୍ୟୟନ କରିବେ। ଶିକ୍ଷକମାନେ ସେମାନଙ୍କ ଅଫିସ କାମ କିପରି କରିବେ ବୋଲି ପ୍ରଶ୍ନ କରିଛନ୍ତି। ସେ ଏଥିପାଇଁ ପୂର୍ତ୍ତ ବିଭାଗ ଓ ଠିକା ସଂସ୍ଥାକୁ ସମ୍ପୂର୍ଣ୍ଣ ଦାୟୀ କରିଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ଦାସଙ୍କୁ ପଚାରିବାରୁ ବିଦ୍ୟାଳୟର ଗୃହକାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଠିକାସଂସ୍ଥା ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରୁଛି। ଉପର ମହଲା କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହୋଇ ନ ଥିବାରୁ ବର୍ଷାପାଣି ତଳ ମହଲାକୁ ଆସୁଛି। ତେବେ ଏହି ସମସ୍ୟା ରହିବ ନାହିଁ ବୋଲି ସେ କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବିଶ୍ୱନାଥ



@ ବିକାଶ



@ ଅନାମ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୫ କୁଇଣ୍ଟାଲ ବାଉେରା ଚେର ଜବତ, ୩ ଗିରଫ



ଗିରଫ ଅଭିଯୁକ୍ତଙ୍କ ସହ ଜବତ ହୋଇଥିବା ବାଉେରା ଚେର।

ରାଜନଗର, ୧୭।୫ (ଭାସ୍କର ରାଉତରାୟ)

ଭିତରକନିକା ରେଞ୍ଜ୍ ଅନ୍ତର୍ଗତ କାଳିଭଞ୍ଜଡିଆ ଫରେଷ୍ଟ ବ୍ଲକର କର୍ମଚାରୀମାନେ ରାତ୍ରିରେ ପାଟ୍ରୋଲିଂ କରୁଥିବା ବେଳେ କନିକା ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଭୋର ସାଢେ ୪ଟାରେ ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ କାଳିଭଞ୍ଜଡିଆ ଜଙ୍ଗଲରେ ଚଢ଼ଦିଆ ଗ୍ରାମ ବାଁଶଡ଼ା ଥାନା ଭଦ୍ରକ ଜିଲାର ହୃଷୀକେଶ ମାଝି, ଭଜହରି ମାଝି, ଅଜୟ ମହାଲିକ ଜଙ୍ଗଲରୁ ୭ ବସ୍ତା ବାଉେରା ଚେର, ୩ ବସ୍ତା ଗରାଣି ଚେର କାଟିନେଉଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ସେମାନଙ୍କୁ କାବୁ କରିଥିଲା। ସେମାନଙ୍କ ନିକଟରୁ ୧୦ ବସ୍ତା ଚେର, ଯାହାର ଆନୁମାନିକ ଓଜନ ୫ କୁଇଣ୍ଟାଲ, ୨ଟି କଟୁରି, ଗୋଟିଏ କୁରାଢ଼ି, ଦୁଇଟି ମୋବାଇଲ ଫୋନ୍, ଗୋଟିଏ ଗ୍ୟାସ୍ ଲାଇଟର ଜବତ କରିଛନ୍ତି। ଏହି ପାଟ୍ରୋଲିଂରେ ତାଳଚୁଆ ଫରେଷ୍ଟର ଲକ୍ଷ୍ମୀଧର ବାରିକ, ବନରକ୍ଷୀ କଳ୍ପତରୁ ସେଠୀ, ଅବକାଶ ପାତ୍ର ପ୍ରମୁଖ ଅଭିଯୁକ୍ତମାନଙ୍କୁ କାବୁ କରିଥିଲେ। ସେମାନେ ଏହି ଚେର ଓ କାଠକୁ ରାସାୟନିକ ସେଣ୍ଟ ଦ୍ୱାରା ରକ୍ତ ଚନ୍ଦନ କହି ବାହାରେ ବିକ୍ରି କରିଥାନ୍ତି ବୋଲି ଏସିଏଫ୍ ଦାସଙ୍କ ନିକଟରେ ସ୍ୱୀକାର କରିଛନ୍ତି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବାରିମୂଳ ଜେଲକୁ ପଠାଇ ଦିଆଯାଇଛି।

## ଜୋନ୍‌ସ୍ତରୀୟ ବିଜେଡିର ପ୍ରସ୍ତୁତି ବୈଠକ

ବାଲିକୁଦା,୧୭।୫(ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ବିଜେଡି ପକ୍ଷରୁ ୪ନଂ. ଜୋନ ବରମୁଣ୍ଡଳୀ ପଞ୍ଚାୟତ ଦଶବାଟିଆ ସିଦ୍ଧ ପୋଖରୀରେ ଏକ ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ରତ୍ନାକର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ସାରଦା ପ୍ରସନ୍ନ ଜେନାଙ୍କ ସମେତ ୮ ପଞ୍ଚାୟତର କର୍ମୀ ଯୋଗଦେଇଥିଲେ। ମତାନ୍ତର ମନାନ୍ତର ଭୁଲି ସମସ୍ତ କର୍ମୀ ଏକଜୁଟ ହୋଇ ଏମ୍‌ପି ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କୁ ସମର୍ଥନ କରିବାକୁ ଆହ୍ୱାନ ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଓ ଇସ୍ତାହାରଗୁଡିକ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାକୁ କର୍ମୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ମୀନକେତନ ଅମାତ, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଜିଲା ପରିଷଦ ସଭ୍ୟା ତଟିନୀ ସ୍ୱାଇଁ, ଡଲି ପଣ୍ଡା, ଜିଲା ଯୁବ ବିଜେଡି ସଭାପତି ସୌମ୍ୟଜିତ ମହାପାତ୍ର, ନିର୍ବାଚନମଣ୍ଡଳୀ କୋର୍ଡିନେଟର ତନ୍ମୟ ସ୍ୱାଇଁ, ବାଲିକୁଦା ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ,ସରୋଜକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ବିବାହ ନାଁରେ ଝାନ୍‌ସୀ ଚାଲାଣ

■ବାଦ୍ ପଡୁନାହାନ୍ତି ନାବାଳିକା
■ନିର୍ଯାତିତ ପରେ ବି ଅଭିଯୋଗ ହେଉନି
■ପ୍ରଶାସନ ପାଖରେ ରହୁନି ସୂଚନା

ନୟାଗଡ଼, ୧୭।୫(ଲୋକନାଥ ମିଶ୍ର)

ବିବାହ ନାଁରେ ନୟାଗଡରୁ ଝାନ୍‌ସୀକୁ ଯୁବତୀ ଚାଲାଣ ହେଉଛି। ଯୁବତୀ ଚାଲାଣ ପଛରେ ଦଲାଲ ସାଜିଛନ୍ତି ଝାନ୍‌ସୀରେ ବିବାହିତ ନୟାଗଡ଼ ଜିଲାର କେତେଜଣ ମହିଳା। ଯେଉଁମାନେ କି ମା'ବାପା, ଭାଇଭାଉଜଙ୍କୁ କିଛି ଅର୍ଥ ଦେଇ, ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ନିଜର ବନ୍ଧୁବାନ୍ଧବ, ସମ୍ପର୍କୀୟମାନଙ୍କୁ ଝାନ୍‌ସୀ ଚାଲାଣ କରିବାରେ ସକ୍ଷମ ହେଉଛନ୍ତି। ତେବେ ଅଭିଯୋଗ ଥାଉ ବା ନ ଥାଉ ଘଟଣା ଚପି ଚାଲିଛି। କାରଣ ଟଙ୍କା ମୁହଁ ବଙ୍କା କରି ଦେଉଛି ବୋଲି ଝାନ୍‌ସୀରୁ ନିର୍ଯାତିତ ହୋଇ ଫେରିଥିବା କେତେଜଣ ମହିଳା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ବିବାହିତ ମହିଳାଙ୍କୁ ସହଯୋଗ କରୁଛନ୍ତି ସ୍ୱାମୀଙ୍କ ପରିବାରର ସଦସ୍ୟଙ୍କ ସହ ଏକ ରାକେଟ। ଏହି ରାକେଟର ସଦସ୍ୟମାନେ ହାତଗୁଞ୍ଜା ଦେଇ ମୁହଁ ବନ୍ଦ କରି ଦେଉଥିବା ଅଭିଯୋଗ ରହିଛି। ନୟାଗଡ଼ ଜିଲାର ଶରଣକୁଳ, ଗଣିଆ, ରଣପୁର, ଖଣ୍ଡପଡା, ନୟାଗଡ଼ ସଦର ଥାନା, ନୟାଗଡ଼ ଟାଉନ ଥାନା, ନୂଆଗାଁ ଓ ଇଟାମାଟି ପରି ନୟାଗଡ଼ ପୋଲିସ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଏହି ରାକେଟର କାମ କରୁଛି। ବର୍ଷର ବିଭିନ୍ନ ସମୟରେ ନୟାଗଡ଼ ପୋଲିସ ଜିଲାରୁ ଯୁବତୀ ଓ ନାବାଳିକା ଚାଲାଣ ହୋଇ ଆସୁଛନ୍ତି। ତେବେ ଝାନସି ଚାଲାଣ ନେଇ ପ୍ରଶାସନ ପାଖରେ ସୂଚନା ରହୁନି ବୋଲି ଅଭିଯୋଗ ହୋଇ ଆସୁଛି।

**ବିବାହ ପରେ ଘର ସହ ରହୁନି ସମ୍ପର୍କ**

ଝାନ୍‌ସୀରେ ବିବାହ ପରେ ଅନେକ ଯୁବତୀ ଓ ନାବାଳିକାଙ୍କର ଆଉ ଘର ସହ ସମ୍ପର୍କ ରହୁ ନାହିଁ। ଏପରି ଅଭିଯୋଗ ଆଣିଛନ୍ତି ଗଣିଆ ଉନ୍ନୟନ ପରିଷଦର ସଭାନେତ୍ରୀ ଉଷା ପଟ୍ଟନାୟକ। ଉଷା କହିଛନ୍ତି, ନୟାଗଡ଼ ଜିଲାର ଅନେକ ଯୁବତୀ, ନାବାଳିକା ଝାନ୍‌ସୀରେ ବିବାହ କରୁଛନ୍ତି। ୧୯୯୭ ମସିହାରେ ଏପରି ଅଭିଯୋଗ ଆମ ଅନୁଷ୍ଠାନ ଜିଲାପାଳ, ମହିଳା କମିଶନ ଓ ସରକାରଙ୍କୁ ଅବଗତ କରାଇଥିଲା। ସେହି ବର୍ଷ ଠାରୁ ଝାନ୍‌ସିରେ ବିବାହ ନକରିବାକୁ ସଚେତନତା ସୃଷ୍ଟି କରାଯାଉଛି। ତେବେ ଏହାକୁ ରୋକା ଯାଇ ପାରୁନି। ଅନ୍ୟପକ୍ଷେ ଝାନ୍‌ସୀକୁ ଚାଲାଣ ହେଉଥିବା ସଂଖ୍ୟାର ପ୍ରାୟ ୫୦ ପ୍ରତିଶତଙ୍କର ଖୋଜ ଖବର ରହୁନି। ସେମାନେ ବଂଚିଲେ କି ନାଁ ତାହା ଜଣା ପଡୁନି। ପରିବାର ସହ ସେମାନଙ୍କର ସମ୍ପର୍କ ନାହିଁ। ତେବେ ଫେରି ଆସିଥିବା କିଛି ମହିଳାଙ୍କ ସୂଚନା ଅନୁସାରେ ଦିନକୁ ୧୨ରୁ ୧୮ ଘଂଟା ଶାଉ ଘରର ଲୋକମାନେ ଖଟାଉଛନ୍ତି। ଖାଇବାକୁ ଦେଉ ନାହାନ୍ତି। ଅନେକ ନିର୍ଯ୍ୟାତନା ହୋଇ ଫେରି ଆସୁଛନ୍ତି। ଏପରି କିଛି ମହିଳା ଗଣିଆ ବ୍ଲକର ଜଗନ୍ନାଥ ପ୍ରସାଦ, ଆଉକଟା, ରାସଙ୍ଗ, ବେଲପଡା ଅଂଚଳର ଫେରି ଆସିଛନ୍ତି। ହେଲେ ନିର୍ଯାତନା ସମ୍ପର୍କରେ ଥାନାରେ ଅଭିଯୋଗ ନକରି ଚୁପ ରହୁଛନ୍ତି। ଆଉ କିଛି ମହିଳା ବିବାହ ପରେ ଫେରୁଛନ୍ତି। ସେମାନେ ଝାନ୍‌ସୀରେ ଭଲରେ ଅଛନ୍ତି ବୋଲି ଦେଖାଇ ହେଉଛନ୍ତି। ତାଙ୍କୁ ଦେଖି ଅନ୍ୟମାନେ ଝାନ୍‌ସୀ ଯିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି।

**ଝିଅ ବୋଝ**

ଝାନ୍‌ସୀରୁ ଫେରିଥିବା କେତେଜଣ ମହିଳାଙ୍କ ସୂଚନା ଅନୁସାରେ ମାାବାପାଙ୍କ ପାଇଁ ପୁଅ ନୁହେଁ ଝିଅ ବୋଝ ହେଉଛି। ଝିଅ ଜନ୍ମ ହେବା ଓ ପରେ ବିବାହକୁ ଅନେକ ମା'ବାପା ବୋଝ ବୋଲି ଭାବୁଛନ୍ତି। ମୁଖ୍ୟତଃ ଗରୀବି ଲୋକଙ୍କ କ୍ଷେତ୍ରରେ ଏପରି ଘଟୁଛି। ଏଥିପାଇଁ ଝିଅକୁ ଭଲରେ ପଢ଼ାଉ ନାହାନ୍ତି। ପୁଣି ଅଳ୍ପ ବୟସରେ ବିବାହ କରି ଦେଉଛନ୍ତି। ବିବାହ ପରେ ଝିଅ ମଲା କି ଗଲା ସେନେଇ ଚିନ୍ତା କରୁନାହାନ୍ତି। ବିବାହ ପରେଜରହୁନି। ଝାନ୍‌ସୀରୁ ଫେରୁଥିବା ମହିଳାମାନେ ଅବହେଳିତ ଓ ଉପେକ୍ଷିତ ହୋଇ ଅଭିଶପ୍ତ ଜୀବନ ବିତାଉଛନ୍ତି। ଅନ୍ୟପକ୍ଷେ ଝିଅଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନ ଦୁର୍ବିସହ ହୋଇ ପଡୁଥିଲେ ମଧ୍ୟ ସମୀକ୍ଷା କରାଯାଉନି। ମା ' ପେଟରେ ଝିଅ ଥିଲେ ତାକୁ ହତ୍ୟା କରାଯାଉଛି। ଜନ୍ମ ହେଲେ ପୁଅ ପରି ତାକୁ ବଞ୍ଚିବାକୁ ଦିଆଯାଉନି। ବିବାହକୁ ବୋଝ ଭାବି ବୟସ ହୋଇ ନ ଥିଲେ ମଧ ବିବାହ କରି ଦିଆଯାଉଛି। ବିବାହ ଆଖପାଖ ଅଞ୍ଚଳରେ କରା ନ ଯାଇ ଅଜଣା ଲୋକଙ୍କ ସହ ଝାନ୍‌ସୀ ପରି ଅଞ୍ଚଳରେ କରାଯାଉଛି। ଏପରିକି ଝିଅର ବିବାହ ପାଇ ମା'ବାପା ମଧ ଟଙ୍କା ରୋଜଗାର କରୁଛନ୍ତି। କିନ୍ତୁ ପୁଅ ଯେହେତୁ ଉତ୍ତରାଧିକାରୀ ସେହେତୁ ତା' ପାଇଁ କେହି ଚିନ୍ତା କରୁନାହାନ୍ତି। ମାନସିକତାରେ ପରିବର୍ତ୍ତନ ନ ଆଣିଲେ ଝିଅମାନେ ଏପରି ସବୁ ବେଳେ ନିର୍ଯାତିତ ହୋଇ ଚାଲୁଥିବେ। କେତେଜଣ ଝାନ୍‌ସୀରୁ ଫେରିଥିବା ମହିଳାଙ୍କ ସହ ଆଲୋଚନା କରି ପ୍ରଶାସନ ଏପରି ବିବାହ ପ୍ରଥାର ବନ୍ଦ କରିବାକୁ ପଦକ୍ଷେପ ନେବା ଜରୁରୀ ହୋଇ ପଡିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବିଶ୍ୱନାଥ



@ ବିକାଶ



@ ଅନାମ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବେଆଇନ ବାଲି ଚାଲାଣ କରି ବାପପୁଅ ଜେଲ ଗଲେ

ନୟାଗଡ଼,୧୭।୫(ଲୋକନାଥ ମିଶ୍ର)

ବେଆଇନ ବାଲିଚାଲାଣ କରିବା ଅଭିଯୋଗରେ ନୟାଗଡ଼ ସଦର ଥାନା ପୋଲିସ ବାଲି ବୋଝେଇ ଟ୍ରାକ୍ଟର ସହ ବାପ ପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ପଦ୍ମପୁର ଗାଁର ପୁଅ ଦିଲୀପ ଗୋଛି ଓ ବାପା ଘନଶ୍ୟାମ ଗୋଛିଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ବାପ ଓ ପୁଅ ନିଜ ଟ୍ରାକ୍ଟର ଯୋଗେ ବେଆଇନ ଭାବେ ବାଲି ଚାଲାଣ କରୁଥିବା ଅଭିଯୋଗ ପାଇ ପୋଲିସ ଚଢ଼ାଉ କରିଥିଲା। ପଦ୍ମପୁର ଗାଁ ନିକଟରେ ଟ୍ରାକ୍ଟର ଜବତ କରିବା ସହ ବାପପୁଅଙ୍କୁ ପୋଲିସ ଗିରଫ କରିଥିଲା।

ମନ୍ଦିର ମଧ୍ୟରୁ ଆକାଶର ଚିତ୍ର



## ଦୂର ଦିଗ୍‌ବଳୟର ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟ

ଖଣ୍ଡପଡ଼ା,୧୭।୫(ଅଜୟ କୁମାର ମହାରଣା) : ଶୁକ୍ରବାର ସାରା ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ କଣ୍ଟିଲୋସ୍ଥିତ ଶ୍ରୀନୀଳମାଧବ ମନ୍ଦିର ଉପରୁ ଦୂର ଦିଗ୍‌ବଳୟର ଚିତ୍ର ମନୋମୁଗ୍ଧକର ଥିବା ଜଣାପଡ଼ିଛି। ଅପରାହ୍ନ ପ୍ରାୟ ୧ଟାରେ ହଠାତ୍ ଆକାଶର ଦୃଶ୍ୟକୁ ଦେଖି ମନ୍ଦିରକୁ ଆସିଥିବା ପର୍ଯ୍ୟଟକମାନେ ଆତ୍ମବିଭୋର ହୋଇପଡ଼ିଥିଲେ। ଖରାରେ ଆକାଶରେ ଏହି ମନୋମୁଗ୍ଧକର ପ୍ରାକୃତିକ ରୂପ ସମସ୍ତଙ୍କୁ ବିମୋହିତ କରିଥିଲା।

## ୨୨ରେ ନୟାଗଡ଼କୁ ଆସିବେ ମୁଖ୍ୟମନ୍ତ୍ରୀ



ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ଦଳୀୟ କର୍ମକର୍ତ୍ତାଙ୍କ ସହ ବିଧାୟକ ଅରୁଣ ସାହୁ।

ନୟାଗଡ଼,୧୭।୫(ଲୋକନାଥ ମିଶ୍ର)

ଚଳିତମାସ ୨୨ ତାରିଖ ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୟାଗଡ଼ ଗସ୍ତରେ ଆସି ନୟାଗଡ଼ ବିଧାୟକ ପ୍ରାର୍ଥୀ ଅରୁଣ କୁମାର ସାହୁ ଓ ଏମ୍‌ପି ପ୍ରାର୍ଥୀ ଅରୂପ ପଟ୍ଟନାୟକଙ୍କ ପାଇଁ ଭୋଟ ପ୍ରଚାର କରିବେ। ନୟାଗଡ଼ ଷ୍ଟାଡିୟମଠାରେ ମୁଖ୍ୟମନ୍ତ୍ରୀ ପହଞ୍ଚିବା ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ। ନୟାଗଡ଼ ବିଜେଡି କାର୍ଯ୍ୟାଳୟରେ ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ର, ଯୁବ, ମହିଳା, ବିଜୁ ଶ୍ରମିକ ସାମୁଖ୍ୟ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ସମସ୍ତ ବର୍ଗର ନେତୃମଣ୍ଡଳୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ନୟାଗଡ଼ ବିଧାୟକ ସାହୁ ପ୍ରଥମେ ସାଙ୍ଗଠନିକ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ସୂଚନା ପ୍ରଦାନ କରିଥିଲେ। ବୈଠକରେ ବରିଷ୍ଠ ବିଜେଡି ନେତ୍ରୀ ଇରାନୀ ରାୟ, ନୟାଗଡ଼ ପୌରାଧ୍ୟକ୍ଷ ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲା ପରିଷଦ କ୍ଷୀରୋଦ ମହାପାତ୍ର, ସରୋଜ ରଣସିଂ, ଆଶିଷ ଅଗ୍ରୱାଲ, ସୁବାସ କଅଁର ଓ ବିଭିନ୍ନ ପଞ୍ଚାୟତର ନେତ୍ରୀ ମଣ୍ଡଳୀମାନେ ଯୋଗ ଦେଇଥିଲେ। ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ନୀଳମାଧବ ପଣ୍ଡା, ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଦୁର୍ଯ୍ୟୋଧନ ବେହେରାଙ୍କ ସମେତ ସମସ୍ତ ସାଙ୍ଗଠନିକ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

## ଭାଜପା ପ୍ରାର୍ଥୀ ଦୁଷ୍ମନ୍ତଙ୍କ ଶୋଭାଯାତ୍ରା



ସମର୍ଥକଙ୍କ ସହ ଶୋଭାଯାତ୍ରାରେ ଯାଉଛନ୍ତି ଭାଜପାର ବିଧାୟକ ପ୍ରାର୍ଥୀ ଦୁଷ୍ମନ୍ତ କୁମାର ସ୍ୱାଇଁ।

ଖଣ୍ଡପଡ଼ା,୧୭।୫(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବିଧାନସଭା କ୍ଷେତ୍ରରୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଭାଜପାର ବିଧାୟକ ପ୍ରାର୍ଥୀ ଦୁଷ୍ମନ୍ତ କୁମାର ସ୍ୱାଇଁ ଶୋଭାଯାତ୍ରାରେ ଶୁକ୍ରବାର ୪ଟି ପଞ୍ଚାୟତ ସମେତ ଖଣ୍ଡପଡ଼ା ସହର ପରିକ୍ରମା କରିଛନ୍ତି। ଖଣ୍ଡପଡ଼ା ବ୍ଲକ ଅଧୀନ ରାଣୀଛେଲି ପଞ୍ଚାୟତର କଳପଙ୍ଗି ଗ୍ରାମରୁ ବିଧାୟକ ପ୍ରାର୍ଥୀ ଦୁଷ୍ମନ୍ତ ସମର୍ଥକଙ୍କ ଗହଣରେ ଶୋଭାଯାତ୍ରାରେ ବାହାରି ପ୍ରଥମେ ବନମାଳୀପୁର ପଞ୍ଚାୟତ ପରିକ୍ରମା କରି ଅଞ୍ଚଳବାସୀଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ପରେ ଶୋଭାଯାତ୍ରା ବାହାଡ଼ା ଛକ ଦେଇ ଖଣ୍ଡପଡ଼ା ସହର ସମେତ ଶିଖରପୁର ଓ ଯୋଗିଆପଲ୍ଲୀ ପଞ୍ଚାୟତ ପରିକ୍ରମା କରିଥିଲା। ବିଭିନ୍ନ ସ୍ଥାନରେ ଆୟୋଜିତ ପଥପ୍ରାନ୍ତ ସଭାରେ ବିଧାୟକ ପ୍ରାର୍ଥୀ ସ୍ୱାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶର ବାର୍ତ୍ତା ଦେବା ସହ ନେତୃତ୍ୱ ପରିବର୍ତ୍ତନରେ ହିଁ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ସାମଗ୍ରୀକ ବିକାଶ ସମ୍ଭବ ହେବ ବୋଲି ମତ ଦେଇଥିଲେ। ଶୋଭାଯାତ୍ରାରେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ, ଜନ୍ମେଜୟ ନାୟକ, ସାଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ, ପୂର୍ବତନ ସରପଞ୍ଚ ସର୍ବେଶ୍ୱର ସ୍ୱାଇଁ, ନବକିଶୋର ସାହୁ, ଶରତ ଚନ୍ଦ୍ର ସାହୁ, ସଙ୍ଗଠକ ବିଧାନ ଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ ପୁରୁଖା ନେତା ଓ ପଞ୍ଚାୟତ ଜନପ୍ରତିନିଧି ଯୋଗ ଦେଇଥିଲେ।

## ୩ ଥାନା ଅଞ୍ଚଳରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ନୟାଗଡ଼,୧୭।୫(ଲୋକନାଥ ମିଶ୍ର)

ନିର୍ବାଚନୀ ହିଂସାକୁ ରୋକିବା, ଶାନ୍ତି, ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ନୟାଗଡ଼ ଜିଲା ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଏହି ଫ୍ଲାଗ୍‌ମାର୍ଚ୍ଚ ନୟାଗଡ଼ ଟାଉନ, ନୟାଗଡ଼ ସଦର ଓ ଇଟାମାଟି ଥାନା ଅଞ୍ଚଳରେ କରାଯାଇଛି। ଫ୍ଲାଗ୍‌ମାର୍ଚ୍ଚରେ ୧୦ ପ୍ଲାଟୁନ ଫୋର୍ସ, ତ୍ରିପୁରା ଫୋର୍ସ, ସିଆର୍‌ପିଏଫ୍, ନୟାଗଡ଼ ପୋଲିସ ଯୋଗଦେଇଥିଲେ। ନୟାଗଡ଼ ସଦର ଥାନାର ଲକ୍ଷ୍ମୀପ୍ରସାଦରୁ ବାଲୁଗାଁ, ଇଟାମାଟି ଥାନାର ନୋତରଠାରୁ ଶଙ୍ଖେଇ ଓ ନୟାଗଡ଼ ଟାଉନ ଥାନାର ସିନ୍ଦୂରିଆ, ନୟାଗଡ଼ ସହର ମଧ୍ୟରେ ଫ୍ଲାଗ୍‌ମାର୍ଚ୍ଚ ହୋଇଛି। ନୟାଗଡ଼ ଏସ୍‌ପି ରାହୁଲ ଜୈନଙ୍କ ନେତୃତ୍ୱରେ ନୟାଗଡ଼ ସଦର ଥାନା ଆଇଆଇସି ଅନିତା ସାହୁ, ଇଟାମାଟି ଥାନା ଆଇଆଇସି ଦିଲୀପ ସ୍ୱାଇଁ ଓ ନୟାଗଡ଼ ଟାଉନ ଥାନା ଆଇଆଇସି ରଶ୍ମିରଞ୍ଜନ ମହାପାତ୍ର ପ୍ରମୁଖ ସାମିଲ ଥିଲେ।



ଜିଲା ପୋଲିସ ପକ୍ଷରୁ ସହରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

## ୨୧ରେ ଅମିତ ଶାହାଙ୍କ ନୟାଗଡ଼ ଗସ୍ତ

ନୟାଗଡ଼,୧୭।୫(ଲୋକନାଥ ମିଶ୍ର)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ୨୧ ତାରିଖରେ ନୟାଗଡ଼ ଗସ୍ତ କରିବାର କାର୍ଯ୍ୟକ୍ରମ ଅଛି। ନୟାଗଡ଼ ନିର୍ବାଚନମଣ୍ଡଳୀର ନୟାଗଡ଼ ବ୍ଲକ ଲାଠିପଡ଼ା ମଡେଲ କଲେଜ ସମ୍ମୁଖ ଟାଙ୍ଗି ପଡିଆରେ ଅପରାହ୍ନ ପ୍ରାୟ ୩ଟାରେ ଭାଜପାର ପୁରୀ ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ର ଓ ନୟାଗଡ଼ ବିଧାୟକ ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ପାଇଁ ଭୋଟ ପ୍ରଚାର କରିବେ। ଏହି ଅବସରରେ ଭାଜପା ଶିବିରରେ ଆନନ୍ଦ ପ୍ରକାଶ ପାଇଛି।

## ଖଣ୍ଡପଡ଼ାରେ ମଦନମୋହନଙ୍କ ଚାପନୀତି ସମ୍ପନ୍ନ

ଖଣ୍ଡପଡ଼ା,୧୭।୫(ଅଜୟ କୁମାର ମହାରଣା)

ପବିତ୍ର ଅକ୍ଷୟ ତୃତୀୟାଠାରୁ ଖଣ୍ଡପଡ଼ାରେ ମହାପ୍ରଭୁଙ୍କ ଭଉଁରି ଯାତ୍ରା ଆରମ୍ଭ ହୋଇଛି। ଅକ୍ଷୟ ତୃତୀୟାଠାରୁ ୨୧ଦିନ ଧରି ଜଗନ୍ନାଥ ମନ୍ଦିରରେ ପୂଜା ପାଉଥିବା ଶ୍ରୀମଦନ ମୋହନ ଜୀଉ ଓ ମା' ମହାଲକ୍ଷ୍ମୀଙ୍କ ଚଳନ୍ତି ପ୍ରତିମା ପୁଷ୍କରିଣୀରେ ଚାପ ଖେଳିବାର ପରମ୍ପରା ପ୍ରଚଳିତ ହୋଇଆସୁଛି। ପ୍ରତ୍ୟେକ ଦିନ ଅପରାହ୍ନରେ ଜଗନ୍ନାଥ ମନ୍ଦିର ପରିସରରୁ ଏକ ବିମାନ ଯୋଗେ ବିଗ୍ରହମାନେ ଶୋଭାଯାତ୍ରାରେ ବାହାରି ନିକଟସ୍ଥ ବଡ଼ପୋଖରୀଠାରେ ପହଞ୍ଚିଥିଲେ। ସେଠାରେ ବିଗ୍ରହମାନେ ଏକ ସୁସଜ୍ଜିତ ନୌକାରେ ପୁଷ୍କରିଣୀ ଚାରିପାଖେ ୨୧ ଥର ପରିକ୍ରମା କରି ଚାପ ଖେଳିଥାନ୍ତି। ବିଗ୍ରହମାନଙ୍କର ଚାପଖେଳ ଦୃଶ୍ୟକୁ ଉପଭୋଗ କରିବା ନିମନ୍ତେ ପୋଖରୀ ନିକଟରେ ଶ୍ରଦ୍ଧାଳୁଙ୍କ ସମାଗମ ପରିଲକ୍ଷିତ ହୋଇଥାଏ।



ପୁଷ୍କରିଣୀରେ ଚାପ ଖେଳୁଛନ୍ତି ଶ୍ରୀମଦନ ମୋହନ।

## ଖଣ୍ଡପଡ଼ା ଅଞ୍ଚଳ ବିକାଶରେ ବାଧକ ସାଜିଛି ଇଚ୍ଛାଶକ୍ତି

ଖଣ୍ଡପଡ଼ା,୧୭।୫
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକରୁ ପ୍ରତିବର୍ଷ ରାଜ୍ୟ ସରକାର ରେକର୍ଡ ପରିମାଣର ରାଜସ୍ୱ ଆଦାୟ କରୁଥିଲେ ହେଁ ଦୀପତଳ ଅନ୍ଧାର ପରି ଏ ଅଞ୍ଚଳର ସାମଗ୍ରିକ ବିକାଶ ପ୍ରତି ସେତେଟା ଧ୍ୟାନ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତଙ୍କ ଜନ୍ମଭୂମି ଏବଂ ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ ତଥା ପ୍ରମୁଖ ପର୍ଯ୍ୟଟନସ୍ଥଳ କଣ୍ଟିଲୋର ଶ୍ରୀନୀଳମାଧବ ପୀଠର ସାମଗ୍ରିକ ବିକାଶରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଓ ପ୍ରଶାସନିକ ସ୍ଥାଣୁତା ବାଧକ ସାଜିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଖଣ୍ଡପଡ଼ାକୁ ସବ୍‌ଡିଭିଜନର ମାନ୍ୟତା ପ୍ରଦାନ କରିବା, ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଏକ ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠା କରିବା, ପାନୀୟ ଜଳ ସମସ୍ୟାର ସମାଧାନ ସହ ଚାଷଜମିଗୁଡିକୁ ଜଳସେଚିତ କରିବାର ମହତ୍ ଲକ୍ଷ୍ୟ ନେଇ ଚିରସ୍ରୋତା ମହାନଦୀ ଓ ପ୍ରମୁଖ ଶାଖାନଦୀ କୁସୁମୀ, କୁଆଁରିଆରେ ବ୍ୟାରେଜ୍ ନିର୍ମାଣ କରିବା, ନୟାଗଡ଼ ଜିଲାର କୋସକା ପଞ୍ଚାୟତସ୍ଥିତ ଯୋଗୀଯୋଗିଆଣୀ ବୌଦ୍ଧପୀଠର ସାମଗ୍ରିକ ବିକାଶ ପ୍ରତି ଧ୍ୟାନଦେବା ଆଦି ପ୍ରମୁଖ ପ୍ରସଙ୍ଗଗୁଡିକୁ କାର୍ଯ୍ୟକାରୀ କରିବା ନିମନ୍ତେ ଖଣ୍ଡପଡ଼ା ଅଞ୍ଚଳବାସୀ ବାରମ୍ବାର ଦାବିକରି ଆସୁଛନ୍ତି। ମାତ୍ର ଏଥିପ୍ରତି ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧି କେହିହେଲେ ଧ୍ୟାନ ନ ଦେଇ ମୂଳ ପ୍ରସଙ୍ଗରୁ ସର୍ବଦା ଦୂରେଇ ଯାଉଥିବା କହି ଅଞ୍ଚଳବାସୀ ଦାୟୀ କରିଛନ୍ତି।

ଖଣ୍ଡପଡ଼ା ପଠାଣି ସାମନ୍ତ ସଂଗ୍ରହାଳୟ ନିକଟରେ ବିଜ୍ଞାନ ପାର୍କ ନିର୍ମାଣ କାର୍ଯ୍ୟ ୬ ବର୍ଷ ଧରି ସୂଚନା ଫଳକରେ ସୀମିତ ରହିଛି। ସହର ଉପକଣ୍ଠରେ ବିଦ୍ୟୁତ୍ ଗ୍ରୀଡ୍ ସ୍ଥାପନ ନିମନ୍ତେ ରାଜ୍ୟ ସରକାର ମଞ୍ଜୁର କରିଥିବା ୫୭ କୋଟି ଟଙ୍କାର ଅନୁଦାନ ଅର୍ଥ ପ୍ରଶାସନର ଅପାରଗତା ଯୋଗୁ ବିନିଯୋଗ ହୋଇ ନ ପାରି ଫେରିଯିବା ଦୁଃଖ ଓ ପରିତାପର ବିଷୟ। ୧୯୮୯ ଅଗଷ୍ଟ ୧୪ରେ ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ମାନ୍ୟତା ପାଇଥିଲା। ଦୀର୍ଘ ୩୫ ବର୍ଷ ପରେ ମଧ ସହରାଞ୍ଚଳର ସାମଗ୍ରିକ ବିକାଶ କେବଳ ପ୍ରତିଶ୍ରୁତିରେ ସୀମିତ ହୋଇ ରହିଛି। ସହରାଞ୍ଚଳର ପାରିପାର୍ଶ୍ୱିକ ଉନ୍ନତୀକରଣ ନିମନ୍ତେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ମଞ୍ଜୁର କରିଥିବା କୋଟି କୋଟି ଟଙ୍କାର ଅନୁଦାନ ଠିକଣା ବାଟରେ ବିନିଯୋଗ ନ ହୋଇ ବାଟମାରଣା ହୋଇଥିବା ଅଭିଯୋଗ ହେଉଛି। କଣ୍ଟିଲୋ ଶ୍ରୀନୀଳମାଧବ ବିକାଶ ପ୍ରକଳ୍ପ ନିମନ୍ତେ ୨୦୨୨ ମେ'ରେ ରାଜ୍ୟ ସରକାର ୧୦୦ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର କରି ୧୮ ମାସ ମଧ୍ୟରେ କାର୍ଯ୍ୟ ସମ୍ପନ୍ନ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମାତ୍ର ଦୀର୍ଘ ୨ ବର୍ଷ ଅତିବାହିତ ହୋଇଯାଇଥିଲେ ମଧ ବିକାଶ ପ୍ରକଳ୍ପ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଏହି ପ୍ରକଳ୍ପର କାର୍ଯ୍ୟ କେବେ ସମ୍ପନ୍ନ ହେବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପ୍ରତି ରାଜନେତା ଓ ପ୍ରଶାସନ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

